ଶନିବାର, ୨୦ ଜାନୁଆରୀ, ୨୦୨୪

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

–ଦିନେ ଚୋରଟିଏ ରାଜୁର ମୋବାଇଲ୍ ଚୋରାଇ ଦୌଡ଼ିବାକୁ ଲାଗିଲା । ଏହାଦେଖି ରାଜୁ ଜୋର୍‌ରେ ହସିବାକୁ ଲାଗିଲା । ରାଜୁର ହସ ଦେଖି ତା' ସାଙ୍ଗ କହିଲା –ଆରେ ସାଙ୍ଗ ତୋ ମୋବାଇଲ ଚୋର ନେଇଗଲା ହେଲେ ତୁ ହସୁଛୁ ?

ରାଜୁ: ସେ ନେଇଯାଉ, ହେଲେ ଚାର୍ଜର ତ ମୋ ପାଖରେ ଅଛି ନା !

–ଦିନେ ପପୁ ରାସ୍ତାରେ ଯିବା ସମୟରେ ତା' ପାଖ ଦେଇ ଅଟୋଟିଏ ଗଲା । ଏହା ଦେଖି ପପୁ କହିଲା–ଭାଇ, ତୁମେ ଦୁର୍ଗା ମନ୍ଦିର ରାସ୍ତା ଦେଇ ଯିବ କି ?

ଅଟୋବାଲା–ହଁ ।

ପପୁ: ତେବେ ଫେରିଲା ବେଳକୁ ମୋ ପାଇଁ ଭୋଗ ନେଇ କି ଆସିବ ।

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ପଚାରିଲେ, ୪ ଆଉ ୪ ମିଶିଲେ କେତେ ହେବ ପିଲାମାନେ ?

ରାମୁ: ସାର୍, ୧୦ହେବ ।

ଶିକ୍ଷକ: କେମିତି ?

ରାମୁ: ସାର୍, ମୋ ହୃଦୟ ବହୁତ ବଡ ,ସେଥିଲାଗି ଆଉ ଦୁଇ ମୁଁ ମିଶାଇ ଦେଲି ।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.(0674)2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**

dharitrifeature@gmail.com

# ସୁଯୋଗ ଦେବା ସଭିଙ୍କୁ

ଗପ

ନାଁଟା ସିନା ଚଗଲା ପିଲାଟି ଭାରି ଧୀରସ୍ଥିର, ଶାନ୍ତ ସରଳ । ଚଗଲା ମଧୁପୁର ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢ଼େ । ସାଙ୍ଗମାନଙ୍କ ସହିତ ମିଶି ବିଦ୍ୟାଳୟକୁ ଯାଏ । ବିଦ୍ୟାଳୟରେ ଗୁରୁଜୀ ଯାହା ଦାୟିତ୍ୱ ଦିଅନ୍ତି ଠିକ୍ ଭାବରେ ତୁଲାଏ ବୋଲି ତାକୁ ସବୁବେଳେ ସମସ୍ତେ ଖୋଜନ୍ତି । ତା'ଛଡା ପାଠପଢ଼ା ସହିତ ବକ୍ତୃତା, ଖେଳ ପ୍ରତିଯୋଗିତାରେ ସେ ଭଲ କରେ । ଦିନକୁ ଦିନ ଚଗଲାର ଦାୟିତ୍ୱ ସବୁକ୍ଷେତ୍ରରେ ବଢ଼ିଚାଲିଲା । ଏତେସବୁ ଭିତରେ ଗାଁ, ବିଦ୍ୟାଳୟ, ଘରେ ଚଗଲା ତା'ର ଦାୟିତ୍ୱ, କର୍ତ୍ତବ୍ୟ ବିଷୟରେ ବୁଝିଲାଣି ।

ସେଦିନ ୨୬ ଜାନୁଆରୀରେ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହେଉଥିଲା । ବିଦ୍ୟାଳୟରେ ଗାଁମୁଖିଆ, ଗୁରୁଜୀ ଗୁରୁମା, ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତି ସମସ୍ତେ ଉପସ୍ଥିତ ଥାନ୍ତି । ବିଦ୍ୟାଳୟ ପରିସରରେ ନାଚଗୀତ, ବକ୍ତୃତା ସବୁ ଚାଲିଥାଏ । କାର୍ଯ୍ୟକ୍ରମ ସରିବା ପରେ ପୁରସ୍କାର ବିତରଣ କରାଗଲା । ଶେଷରେ ଗାଁ ମୁଖିଆ, ପ୍ରଧାନଗୁରୁଜୀ ଚଗଲାକୁ ମଞ୍ଚ ଉପରକୁ ଡାକିଲେ । କହିଲେ କିରେ ଚଗଲା, ତୁ କାହିଁକି କୌଣସି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିନୁ ? ତୋର ତ ବେଶି ରୁଚି ବକ୍ତୃତାରେ ଥାଏ । ତୋ ମୁହଁରୁ କିଛି ନ ଶୁଣିଲେ ଆମକୁ ବି ଭଲ ଲାଗେନି କହିଲେ ପ୍ରଧାନ ଗୁରୁଜୀ । ଚଗଲାକୁ ମାଇକ୍ରୋଫୋନ ଦିଆଗଲା । ସେ କହିଲା, ଆଜି ହେଉଛି ସାଧାରଣତନ୍ତ୍ର ଦିବସ । ଏହି ଅବସରରେ ସମସ୍ତଙ୍କୁ ଅଭିନନ୍ଦନ । ମୋର ବେଶି କିଛି କହିବାର ନାହିଁ, କେବଳ ମୋ ମନର କଥା କହୁଛି । ଆଜି ଦିବସର ମହତ୍ତ୍ୱ ବିଦ୍ୟାଳୟ, ଗାଁ, ଘରେ ସବୁଠାରେ ଉପଲବ୍ଧି ହେବା ଦରକାର । ମୁଁ ଦେଖୁଛି ମୋ ଭଳି କିଛି ପିଲା ସବୁବେଳେ ପ୍ରତ୍ୟେକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଓ କାର୍ଯ୍ୟରେ ନେତୃତ୍ୱ ନେବା ଦ୍ୱାରା ଅନ୍ୟ ଛାତ୍ରୀଛାତ୍ର ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି । ଯେମିତି କି ବିଦ୍ୟାଳୟ ମନ୍ତ୍ରିମଣ୍ଡଳରେ ଦୀର୍ଘଦିନ ଧରି ରହିବା, ବକ୍ତୃତା ନିମନ୍ତେ ସବୁବେଳେ ପ୍ରାଧାନ୍ୟ ଦିଆଯିବା, ମାତାପିତାଙ୍କ କ୍ଷମତାକୁ ନେଇ ନିଜର ପରିଆରା ଜାହିର କରିବା ଦ୍ୱାରା ଅନ୍ୟ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ପୂରଣ ହୁଏ ନାହିଁ । ଏଣୁ ଆଜି ମୁଁ ଏହି ପ୍ରତିଯୋଗିତାରୁ ନିଜକୁ ଦୂରେଇ ରଖିଥିଲି । ଫଳରେ ମୋର ସାଙ୍ଗମାନେ ସୁଯୋଗ ପାଇବେ । କାରଣ ସମସ୍ତଙ୍କ ପ୍ରତିଭା ବିକଶିତ ହେବାର ସୁଯୋଗ ମିଳିବା ଦରକାର । ଚଗଲାର କଥାଶୁଣି ରହିପାରିଲାନି ତା'ର ସାଙ୍ଗ ସପନା । ତା'ର ପୁରସ୍କାର ସବୁକୁ ଧରି ଧାଇଁ ଆସିଲା ମଞ୍ଚ ଉପରକୁ । ଚଗଲାକୁ ଧରି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା । କହିଲା ତୁ ସୁଯୋଗ ଦେବାରୁ ମୋତେ ଏହି ଶ୍ରେୟ ମିଳିଲା । ଚଗଲା କହିଲା ନାହିଁରେ ସାଙ୍ଗ, ଏହା ହେଉଛି ଆମ ଗଣତନ୍ତ୍ରର ମହତ୍ତ୍ୱ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅଂଶଗ୍ରହଣର ଅଧିକାର, ସୁଯୋଗ, ସୁବିଧା ଦେବା ଆମର ଦାୟିତ୍ୱ । ତେବେ ଯାଇ ଆମ ଗାଁ, ରାଜ୍ୟ, ଦେଶ ବିକଶିତ ହେବ । ଗାଁ ମୁଖିଆ ମଞ୍ଚ ଉପରୁ ଘୋଷଣାକଲେ ଯେ ମୁଁ ଆଜିକୁ ଦୀର୍ଘବର୍ଷଧରି ଗାଁର ନେତୃତ୍ୱକୁ ଜାବୁଡିଧରି ବସିଛି । ଚଗଲାର କଥା ଶୁଣିବା ପରେ ମୁଁ ନିଜକୁ ଲଜ୍ଜିତ ଅନୁଭବ କରୁଛି । ଆମ ଗାଁରେ ନୂତନ ନେତୃତ୍ୱ ପାଇଁ ମୁଁ ଆହ୍ୱାନ କରୁଛି । ସେହି ନେତୃତ୍ୱକୁ ପୂର୍ଣ୍ଣ ସହଯୋଗ କରାଯିବ । ପ୍ରଧାନଗୁରୁଜୀ ଘୋଷଣାକଲେ ଏଥର ବିଦ୍ୟାଳୟରେ ପିଲାମାନେ ନିଜର ପ୍ରତିଭା କଥା କହିବେ ଓ ସମସ୍ତଙ୍କୁ ସୁଯୋଗ ମିଳିବ । ଏକଥା ଶୁଣି ଚଗଲା ସ୍ଲୋଗାନରେ କହୁଥିଲା ସମ୍ମାନ ଆମ ଗଣତନ୍ତ୍ରକୁ । ଉପସ୍ଥିତ ସମସ୍ତ ବ୍ୟକ୍ତି କହୁଥିଲେ ସୁଯୋଗ ଦେବା ସଭିଙ୍କୁ ।



– ଶୁଭନାରାୟଣ ଶତପଥୀ
ବିଜିପୁର, ବ୍ରହ୍ମଗିରି,ପୁରୀ
ମୋ: ୯୪୩୮୪୩୭୦୨୩

## ମତାମତ

➲ 'ଶୀତଦିନେ ଉଷ୍ମମ ରହିବାର ଉପାୟ' ପାଠଟି ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇପାରିଛି ।

–ମନୋଜ ବେହେରା, ରାଜକନିକା, କେନ୍ଦ୍ରାପଡ଼ା

➲ ଏହି ପୃଷ୍ଠାରେ ପ୍ରକାଶିତ ହୋଇଥିବା ଆସ ବଣକୁ ଯିବା, ପାଠୁଆ ପୁଷି ଏବଂ ଆମ ଓଡ଼ିଶା କବିତା ପିଲାଙ୍କ ଲାଗି ଉପାଦେୟ ହୋଇପାରିଛି ।

–ରଞ୍ଜନ ସୁବୁଦ୍ଧି,ନୟାଗଡ଼


➲ ପିଲାଙ୍କ ରୁଚି ପାଠଟି ପଢ଼ିବାକୁ ଭଲ ଲାଗିଲା । ଏହା ଦ୍ୱାରା ସେମାନେ ଭବିଷ୍ୟତରେ କ'ଣ ହେବେ ତାହା ଜାଣିବାକୁ ପାଇଲି ।


–ସସ୍ମିତା ମହାନ୍ତି, ଜଗତପୁର, କଟକ

➲ କହିଲ ଦେଖି ସ୍ତମ୍ଭ ପାଠଟି ପଢ଼ିବାକୁ ମଜା ଲାଗୁଛି ଏବଂ ପ୍ରତିଥର ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ଗପ ଅତି ସୁନ୍ଦର ହେଉଛି ।

–ତୁଷାର ନାୟକ, ଖଣ୍ଡଗିରି, ଭୁବନେଶ୍ୱର

## ଗତ ଥରର ରଙ୍ଗ ଦିଅ



**ଯାଜ୍ଞସେନୀ ସାହୁ**
କ୍ଲାସ-୪,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ଚାନ୍ଦପୁର,
ନୟାଗଡ଼

# ନାହାନ୍ତି କୁକୁର ଓ ସାପ

**ଖାଦ୍ୟପେୟଠାରୁ ଆରମ୍ଭ କରି ସଂସ୍କୃତି କ୍ଷେତ୍ରରେ ବହୁ ଭାବରେ ଭିନ୍ନ ଲାକ୍ଷାଦ୍ୱୀପ। ଜାଣନ୍ତୁ ଏହି ଦ୍ୱୀପ ସମ୍ପର୍କରେ କିଛି ରୋଚକ କଥା ।**

▶▶ ୧୯୫୬ ମସିହାରେ ଲାକ୍ଷାଦ୍ୱୀପର ନାମକରଣ ହୋଇଥିଲା । ଏହାପୂର୍ବରୁ ଏହାର ନାମ ଥିଲା ଲକ୍କାଡାଇଭ୍ । ଏହା ଏଭଳି ଏକ ଦ୍ୱୀପ ଯେଉଁଠାରେ ସାପ କିମ୍ବା କୁକୁର ଆଦୌ ଦେଖିବାକୁ ମିଳନ୍ତି ନାହିଁ । ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସାଙ୍ଗରେ କୁକୁର ଆଣି ଆସିବାର ଅନୁମତି ମଧ ନାହିଁ । ଏହି ଦ୍ୱୀପକୁ ରାବିଜ୍ ଫ୍ରି ଷ୍ଟେଟ୍ ମାନ୍ୟତା ମିଳିଛି ।

▶▶ ବଟରଫ୍ଲାଏ ଫିଶ୍ ଏଠାକାର ଜାତୀୟ ପଶୁ । ଏଠାରେ ପ୍ରାୟ ୭ଟି ବିଶେଷ ପ୍ରଜାତିର ବଟରଫ୍ଲାଏ ଫିଶ୍ ଦେଖାଯାନ୍ତି । ସୁଟି ଟର୍ନ ଏଠାକାର ଜାତୀୟ ପକ୍ଷୀ ଏବଂ ବ୍ରେଡ୍ ଫ୍ରୁଟ ଜାତୀୟ ବୃକ୍ଷ ।

▶▶ ଏଠାରେ ଏକ ବିଶେଷ ପ୍ରଜାତିର ସମୁଦ୍ର ଗାଈ ଦେଖିବାକୁ ମିଳନ୍ତି ଯାହା ଏବେ ଲୁପ୍ତପ୍ରାୟ । ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଏହି ପ୍ରଜାତିର ଗାଈ ପ୍ରାୟତଃ ଦେଖାଯାନ୍ତି ନାହିଁ ।


▶▶ ୩୬ଟିଛୋଟଛୋଟଦ୍ୱୀପ ମିଶି ହୋଇଛି ଲାକ୍ଷାଦ୍ୱୀପ । ମୋଟ ଲୋକସଂଖ୍ୟା ପ୍ରାୟ ୬୪୦୦୦ । ତେବେ ମାଳଦ୍ୱୀପ ତୁଳନାରେ ଲାକ୍ଷାଦ୍ୱୀପର କ୍ଷେତ୍ରଫଳ ୧୦ ଗୁଣ କମ୍ ।

▶▶ ଲାକ୍ଷାଦ୍ୱୀପର ମାତ୍ର ୧୦ଟି ଦ୍ୱୀପରେ ଲୋକେ ବସବାସ କରିଥାନ୍ତି । ଏଠାରେ କିଛି ଦ୍ୱୀପ ଅଛି ଯେଉଁଠାରେ ୧୦୦ଜଣଙ୍କଠାରୁ ବି କମ୍ ଲୋକ ରହନ୍ତି । କାବାରତ୍ତୀ ଏହାର ରାଜଧାନୀ ।

▶▶ ଏଠାରେ ମୁଖ୍ୟତଃ ମାଲାୟଲାମ୍ ଭାଷା ପ୍ରଚଳିତ କିନ୍ତୁ କିଛି ଲୋକ ମାହି ଭାଷାରେ ମଧ କଥାବାର୍ତ୍ତା ହୁଅନ୍ତି ।

▶▶ ସମୁଦ୍ର ଉପରେ ନିର୍ଭର କରି ଏଠାକାର ଲୋକେ ମୁଖ୍ୟତଃ ଜୀବନଯାପନ କରନ୍ତି । ମାଛ ଧରିବା, ନଡିଆ ଚାଷ ଓ ପର୍ଯ୍ୟଟନ ମାଧ୍ୟମରେ ଲୋକେ ଆୟ କରିଥାନ୍ତି । ଏଠାରେ ୬୦୦ରୁ ଅଧିକ ପ୍ରଜାତିର ମାଛ ଦେଖାଯାନ୍ତି ।

▶▶ ସାମରିକ ଦୃଷ୍ଟିରୁ ଭାରତ ପାଇଁ ଏହାର ଗୁରୁତ୍ୱ ରହିଥିବାରୁ ଏଠାରେ ନୌସେନାର ଏକ ବେସ୍ ମଧ ରହିଛି ।



दिନ କେଇଟା ପରେ ସମସ୍ତେ ପାଳିବେ ସାଧାରଣତନ୍ତ୍ର ଦିବସ। ତେବେ ସ୍କୁଲ ପିଲାଙ୍କ ମଧ୍ୟରେ ଜାନୁଆରୀ ଛବିଶିର ଆକର୍ଷଣ ସ୍ୱତନ୍ତ୍ର। ସେଥିପାଇଁ କିଏ କେଉଁଭଳି ପ୍ରସ୍ତୁତି କରିଛନ୍ତି ସେନେଇ ଆମର ଉପସ୍ଥାପନା।







# ଟ୍ରାଇକଲର ଫ୍ୟାଶନ

ସାଧାରଣତନ୍ତ୍ର ଦିବସ ପାଳନ କରିବା ପାଇଁ ପିଲାଙ୍କ ମନରେ ଢେର୍ ଉତ୍ସାହ ରହିଥାଏ। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଆମ ଡ. ଭିମରାଓ ଆମ୍ବେଡକରଙ୍କ ଦ୍ୱାରା ସମ୍ବିଧାନ ପ୍ରଣୟନ ହୋଇଥିଲା। ସେହିଦିନଠାରୁ ଆମ ଦେଶର ଏକ ସ୍ୱତନ୍ତ୍ର ଆଇନ ଖସଡା ପ୍ରସ୍ତୁତ ହୋଇଥିଲା। ଏଥିପାଇଁ ସ୍କୁଲ କଲେଜଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଏ। ତେବେ ସ୍କୁଲମାନଙ୍କରେ ପିଲାମାନେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତି କରିଥାନ୍ତି। ଏଥର ବି ପିଲାମାନେ ଭିନ୍ନ ଭିନ୍ନ ଢଙ୍ଗରେ ଆରମ୍ଭ କରି ଦେଇଛନ୍ତି ପ୍ରସ୍ତୁତି।

## ଡ୍ରାମା କରିବି



ସାଧାରଣତନ୍ତ୍ର ଦିବସରେ ସ୍କୁଲରେ ଏଥର କୌଣସି କାର୍ଯ୍ୟକ୍ରମରେ ମୁଁ ଅଂଶଗ୍ରହଣ କରି ନାହିଁ, କିନ୍ତୁ ସେଦିନ ସନ୍ଧ୍ୟାରେ ଆମେ ଗାଁରେ ଏକ ଛୋଟ ଡ୍ରାମା କରିବୁ। ଦେଶକୁ ସ୍ୱାଧୀନ କରିବା ପାଇଁ ସବୁ ସ୍ୱାଧୀନତା ସଂଗ୍ରାମୀମାନେ କେତେ ତ୍ୟାଗ କରିଥିଲେ ସେସବୁ ଆମେ ଅଭିନୟ ମାଧ୍ୟମରେ ଗାଁ ଲୋକଙ୍କୁ ଦେଖାଇବୁ। ଏଥିପାଇଁ ଆମେ ରିହରସାଲ୍ କରିବା ସହ ସବୁ ପ୍ରସ୍ତୁତି କରିଛୁ। ସ୍କୁଲ ସାର୍‌ମାନେ ବି ଆମକୁ ସାହାଯ୍ୟ କରିଛନ୍ତି। ସ୍କୁଲର ସବୁ ପିଲା ମିଶି ଏଇ ନାଟକ କରୁଛୁ। ମନ୍ଦିର ପାଖରେ ଥିବା ମଣ୍ଡପ ଉପରେ ଏହି ନାଟକ ପାଇଁ ଆମକୁ ସାର୍‌ମାନେ ସହଯୋଗ କରିଛନ୍ତି।

**–ସାତ୍ତ୍ୱିକ ମିଶ୍ର,** କ୍ଲାସ୍– ୮, ରୟାଲ ପବ୍ଲିକ ସ୍କୁଲ, କୋରଡକଣ୍ଟା, ଭୁବନେଶ୍ୱର

## ଟ୍ରାଇକଲର ଡ୍ରେସ ପିନ୍ଧିବି



ଏଥର ଆମେ ସ୍କୁଲରେ ସମସ୍ତେ ଭିନ୍ନ ଢଙ୍ଗରେ ଜାନୁଆରୀ ଛବିଶ ପାଳନ କରିବୁ। ସ୍କୁଲରେ ବିଭିନ୍ନ ପ୍ରୋଗ୍ରାମ୍ କରାଯିବ। ମୁଁ ଓ ମୋର କେତେଜଣ ସାଙ୍ଗ ମିଶି ସେଦିନ ସ୍କୁଲରେ ଗୋଟେ ଡ୍ୟାନ୍ସ କରିବୁ। ଏଥିପାଇଁ ସମସ୍ତେ ଟ୍ରାଇକଲର ଡ୍ରେସ ପିନ୍ଧିବୁ ଓ ଟ୍ରାଇକଲର ପତାକା ବି ସାଙ୍ଗରେ ନେବୁ। ଆରବର୍ଷ ବି ମୁଁ ଟ୍ରାଇକଲର ଡ୍ରେସ ପିନ୍ଧି ଯାଇଥିଲି। ଏଥର ଆମେ କେତେଜଣ ସାଙ୍ଗ ମିଶି ଟ୍ରାଇକଲର ଡ୍ରେସ ପିନ୍ଧିବୁ, ଅନ୍ୟମାନେ ସ୍କୁଲ ୟୁନିଫର୍ମ ପିନ୍ଧି ସ୍କୁଲକୁ ଆସିବେ। ସ୍କୁଲରେ ନାଚଗୀତ ଡିବେଟ୍ ସାଙ୍ଗକୁ ଆହୁରି କେତେ ପ୍ରତିଯୋଗିତା ବି ହେବ।

**–ଚିଚିତା ନନ୍ଦ,** କ୍ଲାସ୍–୬, ଭିଭା ସ୍କୁଲ, ନମ୍ବୁର, ଗୁଣ୍ଟୁର, ଆନ୍ଧ୍ରପ୍ରଦେଶ

## ସ୍ୱଚ୍ଛତା ଅଭିଯାନ



ଗଣତନ୍ତ୍ର ଦିବସରେ ସ୍କୁଲରେ ପତାକା ଉତ୍ତୋଳନ କରି ଫେରିବା ପରେ ସାଙ୍ଗମାନଙ୍କ ସହ ମିଶି ଗାଁ ମୁଣ୍ଡରେ ଜମା ହୋଇଥିବା ଅଳିଆ ସଫା କରିବୁ। ତା'ପରେ ମନ୍ଦିର ବେଢାରେ ଥିବା ଆବର୍ଜନାକୁ ବି ସଫା କରିବୁ। ଏଇ କାମ ପାଇଁ ଆମ କ୍ଲାସର ୫ ଜଣ ଏବଂ ଅନ୍ୟ କ୍ଲାସର ୧୦ ଜଣ ପିଲା ରାଜି ହୋଇଛନ୍ତି। ସମସ୍ତେ ଟ୍ରାଇକଲର ଡ୍ରେସ ପିନ୍ଧିବୁ। ସ୍କୁଲରେ କ୍ଲାସ୍ ଟିଚରଙ୍କୁ ଏକଥା ଜଣାଇଛୁ। ସାର୍ ଖୁସି ହୋଇ ଆମକୁ ଖୁବ୍ ପ୍ରଶଂସା କରିଛନ୍ତି। ଦେଶ ପାଇଁ କାମ କରିବା ଦ୍ୱାରା ହିଁ ଯଥାର୍ଥରେ ଗଣତନ୍ତ୍ରଦିବସ ପାଳନ ହୋଇପାରିବ ବୋଲି ସାର୍ କହିଛନ୍ତି।

**–ଚନ୍ଦ୍ରଶେଖର ବାରିକ,** କ୍ଲାସ୍– ୯, ସରକାରୀ ହାଇସ୍କୁଲ, କୁସୁମାଟି, ଛଣଘର, ଖୋର୍ଦ୍ଧା

## ପରେଡ୍ ଦେଖିବି



ଏହି ଦିନ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଆମେ ଆମ ସଂସ୍କୃତି ଓ ଧର୍ମନିରପେକ୍ଷତାକୁ ନେଇ ଗର୍ବ କରିବା ଭଳି ଦିନଟିଏ। ଏଥର ସ୍କୁଲରେ ପତାକା ଉତ୍ତୋଳନ ପରେ ଶୀଘ୍ର ଘରକୁ ଫେରି ଆସିବି। ସ୍କୁଲର କୌଣସି ପ୍ରତିଯୋଗିତାରେ ଏଥର ଭାଗ ନେଇ ନାହିଁ। କାହିଁକିନା ଏଥର ବାବାଙ୍କ ସହିତ ପରେଡ୍ ଦେଖିବା ପାଇଁ ଯିବି। ପରେଡ୍ ସରିଲେ ବାବା ମ୍ୟୁଜିୟମ୍ ବୁଲାଇ ନେବେ ବୋଲି କହିଛନ୍ତି। ତେଣୁ ଏଥର ଗଣତନ୍ତ୍ର ଦିବସ ମୋ ପାଇଁ ସ୍ୱତନ୍ତ୍ର।

**–ପ୍ରିୟଦର୍ଶିନୀ ବେହେରା,** କ୍ଲାସ୍– ୯, ମହୁଖଣ୍ଡ ହାଇସ୍କୁଲ, ବାଲିଅନ୍ତା, ଖୋର୍ଦ୍ଧା

## ସବୁଆଡ଼େ ତ୍ରିରଙ୍ଗା ଲଗାଇବି



ଜାନୁଆରୀ ଛବିଶ ଦିନ ଚାରିଆଡେ ତ୍ରିରଙ୍ଗା ଲାଗିବ। ମୋ ପଢ଼ାଘରେ, ସାଇକେଲରେ, ଛାତ ଉପରେ ସବୁଆଡେ ତ୍ରିରଙ୍ଗା ଲଗାଇବା ପାଇଁ ବାବାଙ୍କୁ କହି ତ୍ରିରଙ୍ଗା ଆଣି ରଖିଛି। ତା'ଛଡା ମୋ ଡ୍ରେସ୍‌ରେ ଲଗାଇବା ପାଇଁ ବାବା ତ୍ରିରଙ୍ଗା ଡିଜାଇନ୍‌ର ଏକ ବ୍ୟାଚ୍ ଆଣିଛନ୍ତି। ଏଥର ସ୍କୁଲରେ ଡିବେଟ୍ କମ୍ପିଟିସନ୍‌ରେ ଭାଗ ନେଇଛି। ସମସ୍ତଙ୍କ ଆଗରେ କେମିତି କହିବି ସେନେଇ ଏବେଠାରୁ ମାମା ଆଗରେ ପ୍ରସ୍ତୁତି ବି କରିଛି।

**– ଅନନ୍ୟା ପାତ୍ର**
କ୍ଲାସ୍–୩, ପ୍ରଭୁଜୀ ଇଂଲିଶ୍ ମିଡ଼ିୟମ୍ ସ୍କୁଲ, ଭିଏସ୍ଏସ୍‌ନଗର, ଭୁବନେଶ୍ୱର

## ଗଛ ଲଗାଇବୁ





ଏଥର ଗଣତନ୍ତ୍ର ଦିବସରେ ମୁଁ ସାଙ୍ଗମାନଙ୍କ ସହ ମିଶି ଗଛ ଲଗାଇବି ବୋଲି ସ୍ଥିର କରିଛି। ଏଥିପାଇଁ ବାବାଙ୍କୁ କହି କେତେ ପ୍ରକାରର ଚାରା ବି ଆଣିଛି। ସବୁତକ ଚାରା ନେଇ ଆମେ କେନାଲ ବନ୍ଧ କଡେ କଡେ ଲଗାଇବୁ। ଗଛ ଲଗାଇବା ପରେ ସେସବୁ ଘୋଡାଇ ସୁରକ୍ଷା ଦେବାପାଇଁ ବି ବ୍ୟବସ୍ଥା କରିଛୁ। ତେବେ ସ୍କୁଲରେ ପତାକା ଉତ୍ତୋଳନ କରି ସାରିବା ପରେ ଆମେ ଏଇ କାମ କରିବୁ। ଆଉ ସମସ୍ତେ ଟ୍ରାଇକଲର ଡ୍ରେସ ପିନ୍ଧି ଯିବୁ ବୋଲି କଥା ହେଇଛୁ।

**–ଜୟଦେବ ଜେନା,** କ୍ଲାସ୍– ୯, ଓଡିଶା ଆଦର୍ଶ ବିଦ୍ୟାଳୟ, ଇରମ, ଭଦ୍ରକ




୧


୨




୩



୪


୫


୬



୭


୮



୯


୧୦

୧

ଦୁଃଖିଆ ମୁର୍ମୁ
କ୍ଲାସ୍-୬,
ଆଦର୍ଶ
ବିଦ୍ୟାଳୟ,
ଢେଙ୍କାନାଳ

୨
ସାଦ୍ୟାନ୍ତ
ଶତପଥୀ
କ୍ଲାସ୍-୫,
ମଦର୍ସ ପବ୍ଲିକ
ସ୍କୁଲ, ପୁରୀ


୩

ବାବୁନା ପଣ୍ଡା
କ୍ଲାସ-୧୦,
ସତ୍ୟବାଦୀ ଉଚ୍ଚ
ବିଦ୍ୟାଳୟ,
ସାକ୍ଷୀଗୋପାଳ,
ପୁରୀ

୪
ସ୍ଥିତପ୍ରଜ୍ଞ ରଥ
କ୍ଲାସ୍- ୪,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
କାକଟପୁର,
ପୁରୀ


୫

ଅନହିତା ଗୌରବ
କ୍ଲାସ୍- ୩,
ଓ ଡି ଏମ୍
ପବ୍ଲିକ ସ୍କୁଲ,
ଭୁବନେଶ୍ୱର

୬
ଦଶରଥ ପ୍ରଧାନ
କ୍ଲାସ- ୧୦, ଡଃ
ଦାଶରଥି ମିଶ୍ର
ଉଚ୍ଚ ବିଦ୍ୟାଳୟ,
ଢେଙ୍କାନାଳ


୭

ଆଦ୍ୟା ତ୍ରିପାଠୀ
କ୍ଲାସ୍-୨, ସେଣ୍ଟ
ଜୋଶେଫ
ହାଇସ୍କୁଲ,
ୟୁନିଟ-୯,
ଭୁବନେଶ୍ୱର

୮
ବିଶାଳ ସାହୁ
କ୍ଲାସ୍- ୧୦, ଡ.
ଦାଶରଥି ମିଶ୍ର
ଉଚ୍ଚ ବିଦ୍ୟାଳୟ,
ଢେଙ୍କାନାଳ


୯

ବେଦାର୍ଥ ଦାଶ
କ୍ଲାସ୍- ୩, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଗଙ୍ଗନଗର,
ୟୁନିଟ-୬,
ଭୁବନେଶ୍ୱର

୧୦
ପ୍ରିୟାଂଶୀ ସାହୁ
କ୍ଲାସ୍- ୭,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ନୀଳକଣ୍ଠ
ନଗର, ବ୍ରହ୍ମପୁର


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

ଗୋଟିଏ ଆଙ୍ଗୁଠି ଉପରେ ଜଣେ ଚାହିଁଲେ ଅତିବେଶିରେ ୧୦ ରୁ ୨୦ଟି ପୋକର ଚିପ୍ସ ରଖିପାରିବ ବୋଲି ଆମେ ଭାବିପାରିବା । କିନ୍ତୁ ୨୫୫ଟି ପୋକର ଚିପ୍ସକୁ ମାତ୍ର ଗୋଟିଏ ଆଙ୍ଗୁଠି ଉପରେ ରଖିହେବ ଏକଥାକୁ ନ ଦେଖିଲେ ହୁଏତ କେହି ବିଶ୍ୱାସ କରିପାରିବେ ନାହିଁ । ଏଭଳି ଏକ ବିରଳ କାମ କରି

# ଆଙ୍ଗୁଠି ଉପରେ ୨୫୫ ପୋକର ଚିପ୍ସ

ଦେଖାଇଛନ୍ତି ଇଟାଲିର ରୋକୋ ମର୍କୁରିଓ । ସେଥିପାଇଁ ତାଙ୍କ ନାଁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି ।

ଇଟାଲିର ଭିଲା ସାନ୍ ଗିଓଭାନିଠାରେ ରୋକୋ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କର ଏଭଳି ଏକ ଦକ୍ଷତା ପ୍ରଦର୍ଶନ କରିଥିଲେ । ଗୋଟେ ପରେ ଗୋଟେ ପୋକର ଚିପ୍ସକୁ ସେ ଏତେ ସୁନ୍ଦରଭାବେ ରଖି ସନ୍ତୁଳନ ରକ୍ଷା କରିଥିଲେ ଯେ ଦେଖିବା ଲୋକ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କର ଏଭଳି ଉଦ୍ୟମକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି ।




## ଏଥରର

- ବାପୁଜୀ କିଏ ?
- ମହାତ୍ମା ଗାନ୍ଧୀ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
- କେତେ ବର୍ଷ ବୟସରେ ଗାନ୍ଧିଜୀ ବିବାହ କରିଥିଲେ ?
- ଗାନ୍ଧିଜୀଙ୍କୁ କେତେଥର ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ଚୟନ କରାଯାଇଥିଲା ?
- ମହାତ୍ମା ଗାନ୍ଧୀଙ୍କର ରାଜନୈତିକ ଗୁରୁ କିଏ ?

ଉ ତ୍ତ ର

## ଗତଥରର

- ୫୨
- ମଙ୍ଗଳ
- ଲିଓନାର୍ଡୋ ଦା ଭିନ୍ସି
- ଆଲେକ୍‌ଜାଣ୍ଡାର ଗ୍ରାହମ୍ ବେଲ୍
- ୫୦





## ଭଲ କାମ କରି ରଖିବି ନାମ

ପୁଣ୍ୟଭୂମି ଏ ଓଡ଼ିଶା ପ୍ରଦେଶ
ଗୌରବପୂର୍ଣ୍ଣ ତା'ର ଇତିହାସ,
ଅମ୍ଳାନ ଅକ୍ଷୁଣ୍ଣ ତାହାର ଯଶ
ଉତ୍ସାହ ପ୍ରେରଣା ଦିଏ ଅଶେଷ ।
ପୂର୍ବପୁରୁଷଙ୍କର ଅବଦାନ
ଗଢ଼ିଛି ଜାତିକୁ କରି ମହାନ୍,
ରଖି ଯାଇଛନ୍ତି ମାନ ସମ୍ମାନ
ହୋଇ ଜନ୍ମଭୂମିର ସୁସନ୍ତାନ ।
କୃଷି ଶିଳ୍ପ କାରିଗରି ସ୍ଥାପତ୍ୟ
ଭାବ ଭାଷାର ସୁନ୍ଦର ସାହିତ୍ୟ,
ଅନନ୍ୟ ମାଧୁର୍ଯ୍ୟ ତା'ର ଲାଳିତ୍ୟ
ରସମୟ କରେ ପ୍ରାଣକୁ ନିତ୍ୟ ।
ପ୍ରାକୃତିକ ଶିରୀ ରଖିଛି ଭରି
ନଦୀ ସାଗର ବିଲ ବଣ ଗିରି ।
ପାଦ ତଳେ ତାର କରି ପ୍ରଣାମ,
ପ୍ରତିଦିନ କରିବି ପରିଶ୍ରମ,
ମଣିବି ଏ ମାଟିକୁ ସ୍ୱର୍ଗ ସମ
ଭଲ କାମ କରି ରଖିବି ନାମ ।

– ନୂତନ କୁମାର ବେହେରା
କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨

## କ ବି ତା

## ହେ ଶିଶୁ ତୁମେ

ହେ ଶିଶୁ ତୁମେ ସୁଗନ୍ଧ କୁସୁମ
ମାଟି ମାଆର ମହକ
ଭାରତ ମାତାର ସୁଯୋଗ୍ୟ ସନ୍ତାନ
ଦେଶ ପ୍ରେମର କୁହୁକ ।
ତୁମେତ ଲଢ଼ୁଆ ସାହସୀ ସନ୍ତାନ
ଗର୍ବ ଗରିମାର ତତ୍ତ୍ୱ
ଅସୀମ ଶକ୍ତିର ଉତ୍ସ ତୁମେ ତ
ଦୁର୍ଗମ ଶିଳାର ପଥ ।
ତୁମେ ବର୍ତ୍ତମାନ ତୁମେ ଭବିଷ୍ୟତ
ଯଶ କୀର୍ତ୍ତି ଓ ଗୌରବ
ସତ୍ୟ ଭାବନାର ତୁମେ ରୂପାନ୍ତର
ମାଟି ମାଆର ବିଭବ ।
ବିବେକାନନ୍ଦଙ୍କ ଦାୟାଦ ଆମେରେ
ଭାବନା ଆମ ମହାନ୍
ରାମ ବୁଦ୍ଧ ଆଲ୍ଲା ଯୀଶୁ ଏବଂ ଜୈନ
ସଭିଏଁ ତ ଭଗବାନ ।
ହେ ଶିଶୁ ତୁମେ ଜାତି ବିଶ୍ୱକର୍ମା
ଗଢ଼ ହେ ଧୈର୍ଯ୍ୟ କୋଣାର୍କ
ଆତ୍ମ ସଂଯମତା ତ୍ୟାଗ ପରିଶ୍ରମ
ବଳରେ ରଖିବ ଟେକ ।

– ସରୋଜ କୁମାର ପଣ୍ଡା
ମଧଖଣ୍ଡ, ନୟାଗଡ଼
ମୋ: ୭୮୯୪୫୮୮୩୩୮

## ଜନରାଜ୍ୟ ଦିବସ

ଜାନୁଆରୀ ମାସ ଛବିଶ ତାରିଖ
ଜନରାଜ୍ୟ ଦିବସଟି
ଦୃଢ ସଂକଳ୍ପର ତୂର୍ଯ୍ୟନାଦ ଶୁଭେ
ପ୍ରକମ୍ପିତ ଦେଶମାଟି ।
ଏ ଯୁଗର ମନୁ ଆମ୍ବେଦକର ଯେ
ଲେଖିଗଲେ ସମ୍ବିଧାନ
ଚାରିସ୍ତମ୍ଭେ ଛିଡ଼ା ଶାସନ ବ୍ୟବସ୍ଥା
ଏ ଜାତି ଦିଏ ସମ୍ମାନ ।
ଧର୍ମ ନିରପେକ୍ଷ ଜାତୀୟ ମନ୍ତ୍ରରେ
ସଭିଏଁ ହୋଇ ଦୀକ୍ଷିତ
ସଂଘୀୟବ୍ୟବସ୍ଥା ଲୋକତନ୍ତ୍ର ବଳେ
ହେଉଛୁ ନିଜେ ଶାସିତ ।
ହିନ୍ଦୁ ଇସଲାମ ଜୈନ ଖ୍ରୀଷ୍ଟିଆନ
ପାଳନ୍ତି ରାଷ୍ଟ୍ରୀୟ ପର୍ବ
ସାର୍ବଭୌମତାର ପତାକା ଉଡ଼ାନ୍ତି
ମନରେ ନଥାଏ ଗର୍ବ ।
ଭିନ୍ନ ଭିନ୍ନ ରାଜ୍ୟ ଲୋକନୃତ୍ୟ ଦଳ
ନୃତ୍ୟକଳା ଯେ ଦେଖାନ୍ତି
ନିଜନିଜ କ୍ଷେତ୍ରେ ପାରଦର୍ଶୀ ହୋଇ
କେତେ ପଦକ ଜିତନ୍ତି ।
ଜନଗଣମନ ଜାତୀୟ ସଙ୍ଗୀତ
ଅନ୍ତରାଳେ ଶୁଭୁଥାଏ
ଭାରତରତ୍ନରୁ ପଦ୍ମ ବିଭୂଷଣ
ଉପାଧି ଯେ ଦିଆଯାଏ ।
ଶାନ୍ତି ଆମ ଶକ୍ତି ଶାନ୍ତି ଆମ ମୁକ୍ତି
ମୈତ୍ରୀଟି ପ୍ରଗତିପଥ
ଭାଇଚାରା ସୂତ୍ରେ ରାଷ୍ଟ୍ର ଗଠନରେ
ନେବାରେ ଆମେ ଶପଥ ।

– ଶୁଭେନ୍ଦୁ କୁମାର ମହାପାତ୍ର
ଚାଉଳିଆ, ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୦୬୪୯୦୮

## କହିଲ ଦେଖି

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ
ସଭିଏଁ ପାଳନ୍ତି ହସ ଖୁସିରେ
ଜାତୀୟ ପରବଟିଏ
ସେଇ ଦିନଠାରୁ ଆମ ସମ୍ବିଧାନ
କାର୍ଯ୍ୟକାରୀ ହେଲା ସାରା ଦେଶରେ
ନାଆଁ କହିଦେବ କିଏ ?

**ଉତ୍ତର : ସାଧାରଣତନ୍ତ୍ର ଦିବସ**




ତିନୋଟି ରଙ୍ଗରେ ସଜେଇ ହୋଇ
ଉଡ଼େ ଫରଫର ଆକାଶ ଛୁଇଁ
ପିଙ୍ଗଳି ଭେଙ୍କୟା ତିଆରି କଲେ
ଉପରେ ନାରଙ୍ଗୀ ରଙ୍ଗ ରଖିଲେ
ସବୁଜ ରଙ୍ଗଟି ତଳ ଭାଗରେ
ଧଳାରଙ୍ଗ ଶୋଭାପାଏ ମଝିରେ
ତା' ଭିତରେ ଅଛି ଅଶୋକ ଚକ୍ର
ସୁନା ପିଲା ପରା ସିଏ
ଉତ୍ତର କହିବ ଯିଏ !

**ଉତ୍ତର : ଜାତୀୟ ପତାକା**




ଗୋରାଙ୍କୁ କରିଲେ ଦରିଆ ପାରି
ଛଡାଇ ଆଣିଲେ ଶାସନ ଡୋରି
ଭାରତ ମାଆର ଟେକ ରଖିଲେ
ମରଣକୁ ଜିଣି ଅମର ହେଲେ
ଏ ମାଟିର ଯୋଗ୍ୟ ପୁଅ
ସେଇମାନେ ପରା ଆମରି ଆଦର୍ଶ
ତାଙ୍କୁ ସନମାନ ଦିଅ
ଠିକ୍ ଉତ୍ତର ଯିଏ କହିବ
ଛଣା ସେଉ ବୁନ୍ଦି ସିଏ ଖାଇବ !

**ଉତ୍ତର : ସ୍ୱାଧୀନତା ସଂଗ୍ରାମୀ**



– ଜଗଦୀଶ ସାହୁ
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ:୯୦୭୮୧୮୫୬୧୬



# ଦୀର୍ଘତମ ଭାସମାନ ପୋଲ

ସାଧାରଣତଃ ନଦୀ କିମ୍ବା କେନାଲ ଉପରେ ଯାତାୟାତ ସୁବିଧା ପାଇଁ ପୋଲ ବା ବ୍ରିଜ୍ ନିର୍ମାଣ କରାଯାଇଥାଏ। ଆଜିକାଲି ଏଥିଯୋଗୁ ଅନେକ ସ୍ଥାନକୁ ଗମନାଗମନ ସହଜ ହୋଇପାରିଛି। ହେଲେ ପୋଲଟି ଭାସମାନ ଆକାରରେ ନିର୍ମାଣ ହେବା ନିହାତି ଆଶ୍ଚର୍ଯ୍ୟର କଥା। ହଁ, ଏଭଳି ଏକ ଭାସମାନ ପୋଲ ଯୁକ୍ତରାଷ୍ଟ୍ର ଆମେରିକାର ସିଏଟଲଠାରେ ଦେଖିବାକୁ ମିଳିଥାଏ। ୨୦୧୬ରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏହି ପୋଲ ଉପରେ ବଡ଼ ତଥା ଭାରି ଯାନବାହନ ସହଜରେ ଯା'ଆସ କରୁଛି। ହେଲେ ଏଠାରେ ଭାସମାନ ପୋଲ ନିର୍ମାଣ କରିବା ପଛରେ ଏକ କାରଣ ରହିଛି। ଏଠାକାର ମାଟି ଏତେ ନରମ ଯେ, ତାହା ଉପରେ ଯଦି ପୋଲର ଖୁଣ୍ଟ ବା ପିଲାର ତିଆରି କରାଯାଏ, ତା'ହେଲେ ସେହି ମାଟି ଦବିଯିବ। ତେଣୁ ଯୋଜନା ମୁତାବକ ଏଠାରେ ଭାସମାନ ପୋଲ ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ଖାସ୍ କଥା ହେଲା, ଏହା ହେଉଛି ବିଶ୍ୱର ସବୁଠାରୁ ବଡ଼ ଭାସମାନ ପୋଲ, ଯାହାର ଲମ୍ବ ୨,୩୫୦ ମିଟର। ଏଥିପାଇଁ ୧୨୦୦୦ କୋଟି ଟଙ୍କା ବ୍ୟୟ ହୋଇଥିଲା।

# ୧୦୦ବର୍ଷରେ ଥରେ ଫୁଟିଥାଏ ଫୁଲ

ସତରେ, ପ୍ରକୃତିର ସୃଷ୍ଟି ବଡ ବିଚିତ୍ର। ପ୍ରାକୃତିକ ଦୃଶ୍ୟରାଜିରେ କେବଳ ନଦୀ, ସମୁଦ୍ର କିମ୍ବା ମନୋରମ ସ୍ଥାନ ପର୍ଯ୍ୟଟଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜି ନ ଥାଏ, ତା'ସହ ବିଭିନ୍ନ ପ୍ରକାର ବୃକ୍ଷଲତାଙ୍କୁ ମଧ୍ୟ ଏହି ତାଲିକାରେ ସାମିଲ କରାଯାଇଛି। ବିଶେଷଭାବରେ ବିଶ୍ୱରେ ବିଭିନ୍ନ ପ୍ରକାରର ବୃକ୍ଷ ଦେଖିବାକୁ ମିଳିଥାଏ। କିନ୍ତୁ କିଛି ବୃକ୍ଷ ନିଜର ଭିନ୍ନତା ପାଇଁ ବେଶ୍ ଜଣାଶୁଣା। ଏମିତି ଏକ ଗଛ ଅଛି ଯେଉଁଥିରେ ଫୁଲଟିଏ ଫୁଟିବାକୁ କେତେ ସମୟ ଲାଗିଥାଏ ଜାଣିଛ ପିଲାଏ ? ଶହେ ବର୍ଷ। ହୁଏତ ଏହାକୁ ବିଶ୍ୱାସ କରିବା କଷ୍ଟକର। କିନ୍ତୁ ଏଭଳି ଏକ ବିରଳ ଗଛ ଦକ୍ଷିଣ ଆମେରିକାରେ ଦେଖିବାକୁ ମିଳିଥାଏ। ଏହି ଚର୍ଚ୍ଚିତ ବୃକ୍ଷଟିର ନାମ ହେଲା ପୁୟା ରାୟମୋଡି। ଏହି ଗଛରେ ଥରେ ଫୁଲ ଫୁଟିଲେ ପୁଣି ଥରେ ଫୁଲ ଫୁଟିବାକୁ ଶହେ ବର୍ଷ ଲାଗିଥାଏ। ଏଭଳି ବୃକ୍ଷର ଉଚ୍ଚତା ପ୍ରାୟ ୩୩ ଫୁଟ। ଆଉ ଏଭଳି ବୈଚିତ୍ର୍ୟତା ପାଇଁ ଏହି ଗଛକୁ ଦେଖିବାକୁ ବର୍ଷ ତମାମ ପର୍ଯ୍ୟଟକଙ୍କର ସମାଗମ ସେଠାରେ ହୋଇଥାଏ। 'ଏଣ୍ଡିଜର ରାଣୀ' ଭାବରେ ଉକ୍ତ ଗଛଟିକୁ ମଧ୍ୟ ନାମିତ କରାଯାଇଛି। ଖାସ୍ କଥା ହେଲା ଏଭଳି ବୃକ୍ଷ ୧୨,୦୦୦ ଫୁଟ ଉଚ୍ଚତାରେ ଦେଖାଯାଇଥାଏ।



# ଜଳର ରାଜା



ପିଲାଏ ! ତୁମେମାନେ ତ ରାଇମ୍ ବହିରେ ପଢ଼ିଥିବ– 'ମଛଲି ଜଲ୍‌କି ରାନୀ ହେ, ଜୀବନ ଉସ୍‌କି ପାନି ହେ'। ଅର୍ଥାତ୍ ମାଛ ହେଉଛି ଜଳର ରାଣୀ। ଏକଥା କାହିଁ କେଉଁ କାଳରୁ ପ୍ରଚଳିତ। କିନ୍ତୁ ଜଳର ରାଜା ମଧ୍ୟ ଅଛନ୍ତି। ହୁଏତ ଏହାକୁ କେତେକ ବିଶ୍ୱାସ ନ କରିପାରନ୍ତି, ହେଲେ ତାହା ପଛରେ ସତ୍ୟତା ରହିଛି। ସମୁଦ୍ର ଭିତରେ କେବଳ ମାଛ ନୁହନ୍ତି, ତା' ଭିତରେ ଅନେକ ପ୍ରକାର ଜୀବ ଅଛନ୍ତି। ତନ୍ମଧ୍ୟରୁ ସିଲ୍ ଜାତିର ଏକ ଜୀବକୁ 'ସମୁଦ୍ର ସିଂହ' (Sea Lion) କୁହାଯାଏ। ଏହାକୁ ହିଁ ଜଳ ରାଜା (king of water) ବୋଲି ଅଭିହିତ କରାଯାଇଛି। କାରଣ ଏହି ଜାତୀୟ ସିଲ୍ ଦେଖିବାକୁ ସିଂହ ପରି। ଏହାର ଲମ୍ବ ହେଉଛି ୧୧ ଫୁଟ ଏବଂ ଘଣ୍ଟାକୁ ୨୯ କି.ମି ବେଗରେ ଯାଇପାରେ। କେବଳ ସେତିକି ନୁହେଁ, ଉକ୍ତ ସିଲ୍ ପାଖାପାଖି ୧୦–୨୦ ମିନିଟ୍ ପାଣି ଭିତରେ ରହିଯାଇପାରେ।

# ଦାମୀ ଅଙ୍ଗୁର

ପିଲାଏ ! ତୁମେମାନେ ତ ସେଓ, ଅଙ୍ଗୁର ଆଦି ଫଳ ଖାଉଥିବ। କାରଣ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବଜାରରେ ବିଭିନ୍ନ ରଙ୍ଗର ଅଙ୍ଗୁର ମିଳିଥାଏ। ବିଶେଷ ଭାବରେ ଏହାର ମୂଲ୍ୟ ମଧ୍ୟ ଅଧିକ ନୁହେଁ। କିନ୍ତୁ ଏପରି ଅଙ୍ଗୁର ଅଛି, ଯାହାକୁ ସବୁଠାରୁ ଦାମୀ ଅଙ୍ଗୁର ଭାବରେ ଗ୍ରହଣ କରାଯାଇଛି। ରୁବି ରୋମାନ ପ୍ରଜାତିର ଏହି ଅଙ୍ଗୁର ୨୦୦୮ରୁ ବଜାରରେ ମିଳୁଛି। ଏହି ଅଙ୍ଗୁରଟି ସାଧାରଣ ଅଙ୍ଗୁରଠୁ ୩–୪ଗୁଣା ବଡ ହୋଇଥାଏ। ହେଲେ ଏହାର ଦାମ୍ ଜାଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଉକ୍ତ ଦାମୀ ଅଙ୍ଗୁର ମାତ୍ର ୭୦୦ ଗ୍ରାମ କିଣିଲେ ଆପଣଙ୍କୁ କେତେ ଦାମ୍ ଦେବାକୁ ପଡ଼ିବ ଜାଣନ୍ତି? ୭୩,୦୦୦ ଟଙ୍କା। ବିଶେଷଭାବରେ ଧନୀଶ୍ରେଣୀୟ ବ୍ୟକ୍ତିବିଶେଷ ଏଭଳି ଅଙ୍ଗୁର କିଣିଥାଆନ୍ତି। ମାତ୍ର ଆଠ ବର୍ଷ ପୂର୍ବେ ଏହାର ଏକ ପେଣ୍ଡାର ମୂଲ୍ୟ ଥିଲା ଆଠ ଲକ୍ଷ ଟଙ୍କା। ଯଦି ହିସାବ କରାଯାଏ, ତେବେ ଆପାତତଃ ଗୋଟିଏ ଦାମୀ ଅଙ୍ଗୁର ମୂଲ୍ୟ ପାଖାପାଖି ୨୦,୦୦୦ ଟଙ୍କା ହେବ। ଏହି ଅଙ୍ଗୁରଟି ଜାପାନର ଇଶିକାୱା ଠାରେ ଏହାକୁ ଚାଷ କରାଯାଏ। ଗୋଟିଏ ଅଙ୍ଗୁରର ଓଜନ ପ୍ରାୟ ୨୦ଗ୍ରାମ ହେବ। କିନ୍ତୁ ଏହାର ମଧ୍ୟ ପ୍ରିମିୟମ୍ କ୍ୱାଲିଟି ଅଙ୍ଗୁରର ଓଜନ ପ୍ରାୟ ୩୦ଗ୍ରାମ୍ ହେବ।



# ଆ ଇ ନା



ସଚେତନ ବିଶ୍ୱାଳ
୧୧ ବର୍ଷ / ଭୁବନେଶ୍ୱର



ଶିବାଂଶ ପାତ୍ର
୪ ବର୍ଷ / ଭୁବନେଶ୍ୱର